# ଭାରତ ର ରାଜପତ୍ର

**CG-DL-E-27092020-222040**

ଅସାଧାରଣ

ଭାଗ -୨

ପ୍ରଶାସନୀୟ ପ୍ରକାଶନ

| ସଂ-୪୫] | ଦିଲ୍ଲୀ, ରବିବାର, ସେପ୍ଟେମ୍ବର – ୨୭, ୨୦୨୦/ ଆଶ୍ୱିନ- ୫,୧୯୪୨ (ସକ) |
|---|---|

ଏହା ଯେ ହେତୁ ପୃଥକ୍ ସଙ୍କଳନରେ ସ୍ଥାନିତ ଯୋଗୁଁ ପୃଥକ୍ ପୃଷ୍ଠାଙ୍କନ କରାଯାଇଛି


## ଆଇନ୍ ଓ ନ୍ୟାୟିକ ମନ୍ତ୍ରାଳୟ

(ବିଧିପ୍ରଣୟନ ବିଭାଗ)

ଦିଲ୍ଲୀ, ୨୭ ସେପ୍ଟେମ୍ବର, ୨୦୨୦/ ଆଶ୍ୱିନ ୫, ୧୯୪୨ (ସକ)

ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ୨୪ସେପ୍ଟେମ୍ବର ୨୦୨୦ରେ ସହମତିପରେ ପାର୍ଲିଆମେଣ୍ଟର ଆଇନରୂପେ ଏବଂ ସର୍ବ ସାଧାରଣ ସୂଚନା ନିମନ୍ତେ ଏତଦ୍ଦ୍ୱାରା ପ୍ରକାଶ କରାଗଲା ।

# କୃଷକର (ସଶକ୍ତି କରଣ ଏବଂ ସୁରକ୍ଷା) ଚୁକ୍ତିଭିତ୍ତିକ ମୂଲ୍ୟ ନିର୍ଭରତା ବୀମା ଏବଂ କୃଷିକ୍ଷେତ୍ର ସେବା ଆଇନ, ୨୦୨୦

## ସଂ -୨୦-୨୦୨୦

*ଏହି ଆଇନ ଯାହାକି, କୃଷକ ଓ କୃଷିକ୍ଷେତ୍ର ବ୍ୟବସାୟର ଆମଦାନି କ୍ଷେତ୍ର, ଉତ୍କୃଷ୍ଟ ଉତ୍ପାଦନ, ପାଇକାରୀ ବିକ୍ରୀବଟା, ରପ୍ତାନୀ ଯୋଗ୍ୟ ଉନ୍ମୁକ୍ତ ବୃହତ ଖୁଚୁରା ବିକ୍ରେତା, ଆମଦାନି କ୍ଷେତ୍ରରେ କାର୍ଯ୍ୟର ଉପଯୋଗିତା ଓ ଆବାଦି କ୍ଷେତ୍ରରେ ଭବିଷ୍ୟତ ବିକ୍ରୀବଟାର ସୁଯୋଗ, ଶ୍ରମ ଭିତ୍ତିକ ମୂଲ୍ୟାୟନ ବ୍ୟବସ୍ଥା ଏବଂ ଏକ ସରଳ ଓ ସ୍ୱଚ୍ଛତା ଅବଲମ୍ବନ ପ୍ରଣାଳୀ ସହ ସଂଯୁକ୍ତ ଏବଂ ଉକ୍ତ ପ୍ରାସଙ୍ଗିକ ଘଟଣା ମାନ ସହ ଜଡିତ ଓ ସଂଶ୍ଳିଷ୍ଟ ଜାତୀୟ ପୃଷ୍ଠଭୂମିରେ କୃଷକ ସମୂହର ଏକଜୁଟତା ଓ ବିବିଧ କାର୍ଯ୍ୟ ପ୍ରଣାଳୀର ବିଧିବଦ୍ଧ ରାଜିନାମା ଆଟେ ।*

*୭୫ତମ ବର୍ଷର ଭାରତର ସାଧାରଣତନ୍ତ୍ରର ସଂସଦ ଦ୍ୱାରା ପ୍ରଣୀତ ଆଇନ ନିମ୍ନମତେ ଅଟେ :-*

## ବିଭାଗ-୧

## ପ୍ରାରମ୍ଭିକ

୧. (୧) ଏହି ଆଇନକୁ କୃଷକ (ସଶସ୍ତୀକରଣ ଏବଂ ସୁରକ୍ଷା) ଚୁକ୍ତିଭିତିକ ମୂଲ୍ୟ, ବୀମା ଏବଂ ଆମଦାନି କ୍ଷେତ୍ର ବ୍ୟବହାର ଚୁକ୍ତିନାମା ୨୦୨୦ ଭାବେ ଗଣାଯିବ । — ସୁକ୍ଷ୍ମ ଟିକ୍କା ଏବଂ ଆରମ୍ଭ

(୨) ଏହା ୫ ଜୁନ୍ ୨୦୨୦ ରୁ କାର୍ଯ୍ୟକାରୀ କରାଯିବ ।

୨ .ଏହି ଆଇନ, ସନ୍ଦର୍ଭ ଅନ୍ୟଭାବରେ ଆବଶ୍ୟକ ନହେଲେ – ବ୍ୟାଖ୍ୟା

a) "କୃଷିକ୍ଷେତ୍ରର ଉତ୍ପାଦନ " ସଂଯୋଜିତ –

i). ଖାଦ୍ୟ ପଦାର୍ଥ ସମୂହ ଯାହାକି ଖାଦ୍ୟପୋଯୋଗି ତୈଳବୀଜ ଏବଂ ତୈଳ, ସବୁ ପ୍ରକାରର ଶସ୍ୟଦାନା ଯଥା ଗହମ, ଚାଉଳ କିମ୍ବା ମୋଟା ଶସ୍ୟ, ଡାଲିଜାତୀୟ ଶସ୍ୟ, ପନିପରିବା, ଫଳ, ବାଦାମ, ମସଲାଜାତୀୟ ଶସ୍ୟ, ଆଖୁ ଏବଂ କୁକୁଡା, ଘୁଷୁରି, ଛେଳି, ମାଛ ଏବଂ କ୍ଷୀରର ପ୍ରସ୍ତୁତ ଖାଦ୍ୟପଯୋଗି ଦ୍ରବ୍ୟ ଯାହାକି ପ୍ରାକୃତିକ କିମ୍ବା ପ୍ରକ୍ରିୟା କରଣ ଦ୍ୱାରା ମାନବର ଖାଦ୍ୟ ଉପଯୋଗୀ ।

ii). ଗୋ ଖାଦ୍ୟ, ପିଡିଆ ଏବଂ ଅନ୍ୟ ନିରୁପିତ ପଦାର୍ଥ ସହ ସଂଶ୍ଳିଷ୍ଟ ।

iii). କପା ଯଦିବା ମଞ୍ଜି କଢ଼ା କିମ୍ବା ମଞ୍ଜି ଅକଢ଼ା

iv). କପା ମଞ୍ଜି ଏବଂ ଅଶୌଧିତ ଝୋଟ ।

b) କୃଷି ଉତ୍ପାଦନ ବିପଣନ ସମିତି ପରିସୀମା ଅର୍ଥ ବାସ୍ତବ ପରିସୀମା କୃଷି ଉତ୍ପାଦନ ବିପଣନ ସମିତି ପରିସୀମା ସହ ସଂଶ୍ଳିଷ୍ଟ ଯାହାକି କୌଣସି ରାଜ୍ୟ ଆଇନ ଓ ବିଧି ଅନୁଯାୟୀ ସ୍ଥାପିତ ହୋଇଛି ;

c) କଂପାନୀ ଅର୍ଥ ଏକ କଂପାନୀ ଯାହା କଂପାନୀ ଆଇନ ୨୦୧୩ ଧାରା ୨ କ୍ଲଜ ୨୦ ଅନୁଯାୟୀ ବର୍ଣ୍ଣନା କରାଯାଇଛି ।

d) ବୈଦୁତିକ ବାଣିଜ୍ୟ ଏବଂ ନେଣଦେଣ ପଦ୍ଧତି ଅର୍ଥାତ ଯାହାକି ଏକ ପଦ୍ଧତି, ଆମଦାନୀ କ୍ଷେତ୍ର ଓ ଉତ୍ପାଦନ ସହ ଜଡିତ, ଏବଂ ପ୍ରତ୍ୟେକ କିଣା ବିକା ବ୍ୟବସାୟ ଓ ବାଣିଜ୍ୟ ମାଧମରେ ବୈଦ୍ୟୁତିକ କୌଶଳ ଏବଂ ଇଣ୍ଟରନେଟ୍ ବ୍ୟବହାର ମଧରେ କରାଯିବ;

e) କୃଷିକ୍ଷେତ୍ର ସେବା ଅର୍ଥାତ ବିହନଯୋଗଣ, ଖାଦ୍ୟ, ଗୋଖାଦ୍ୟ, କୃଷି ରସାୟନ, ଯନ୍ତ୍ରପାତି ଏବଂ କୌଶଳ, ଉପଦେଶ, ଅଣ ରାସାୟନିକ ପ୍ରଭାବ ଏବଂ କୃଷି କ୍ଷେତ୍ର ଜଡିତ ଅନ୍ୟାନ୍ୟ ପଦ୍ଧତିର ଆମଦାନୀ କ୍ଷେତ୍ର ବ୍ୟବହାର ସହ ସଂଶ୍ଳିଷ୍ଟ ଓ ଉଦ୍ଦିଷ୍ଟ ।

f) କୃଷକ ଅର୍ଥ ଜଣେ ବ୍ୟକ୍ତି ବିଶେଷ ଯେ କି କୃଷିକ୍ଷେତ୍ରର ଉତ୍ପାଦନରେ, ପ୍ରତ୍ୟକ୍ଷ କିମ୍ବା ବାହାର ଶ୍ରମିକ କିମ୍ବା ଅନ୍ୟ ଉପାୟରେ ସଂଶ୍ଳିଷ୍ଟ ଓ ନିୟୋଜିତ ଏବଂ କୃଷି ଉତ୍ପାଦକ ସଂଗଠନ ସହ ଜଡିତ ।

g) କୃଷି ଉତ୍ପାଦକ ସଂଗଠନ ଅର୍ଥ ଏକ ସଂଘ କିମ୍ବା ସଂଗଠିତ କୃଷକ ଦଳ, ଯାହାକି -

**i).** ସେହି ସମୟର ଆଇନାନୁଯାୟୀ ପଞ୍ଜିକୃତ କିମ୍ବା

**ii).** କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଏକ ଯୋଜନା , କିମ୍ବା କାର୍ଯ୍ୟକ୍ରମ,

h) “ଚାଷ ଚୁକ୍ତି” ଅର୍ଥାତ ଏକ ଲିଖିତ ଚୁକ୍ତିନାମା, ଯାହା ପ୍ରୋତ୍ସାହକ ଏବଂ କୃଷକ କିମ୍ବା କୃଷକ, ପ୍ରୋତ୍ସାହକ ଏବଂ ଏକ ତୃତୀୟ ପକ୍ଷ ମଧ୍ୟରେ ସ୍ଥିରୀକୃତ କାର୍ଯ୍ୟାବଳୀକୁ ଓ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଉତ୍ପାଦନ କିମ୍ବା କୃଷି ପ୍ରଣାଳୀ ପ୍ରୟୋଗ କରି ଉତ୍ପାଦନ ଲକ୍ଷ୍ୟରେ ପ୍ରୋତ୍ସାହକ ସେହି ଉତ୍ପାଦିତ ସାମଗ୍ରୀକୁ କୃଷକଙ୍କର କ୍ରୟ , ଆବଶ୍ୟକ ସେବା ଓ ସହଯୋଗ ସେବା ଯୋଗଇବେ ।

ବ୍ୟାଖ୍ୟା – ଏହି ଦଫାର ଲକ୍ଷ୍ୟ ଓ -
ଚାଷ ଆବାଦ ଚୁକ୍ତି ଅର୍ନ୍ତନିହିତ କରେ ଯେ–

(i). “ବ୍ୟବସାୟ ଏବ ବାଣିଜ୍ୟିକ ଚୁକ୍ତି ” ଯେଉଁଠି କୃଷକର ଉତ୍ପାଦନ ସମୟରେ ଉତ୍ପାଦକର ପ୍ରଭୁତ୍ୱ ନିଶ୍ଚିତ ଥାଏ ଏବଂ ଉତ୍ପାଦକର ବିତରଣ କରି ଚୁକ୍ତି ଅନୁସାରେ ସ୍ଥିରୀକୃତ ମୂଲ୍ୟ ପ୍ରୋତ୍ସାହକ ଠାରୁ ପାଏ,

(ii). “ଉତ୍ପାଦନଭିତ୍ତିକ ଚୁକ୍ତି ” ଯେଉଁଠି ପ୍ରୋତ୍ସାହକ ଆନୁସଂଗିକ କୃଷି ସେବା ଯୋଗଇବାକୁ ରାଜି ହୋଇଥାଏ, ଏବଂ ସଂପୂର୍ଣ୍ଣ କିମ୍ବା ଆଂଶିକ ଉତ୍ପାଦ ରକ୍ଷୟକ୍ଷତିନିମନ୍ତେ କ୍ଷତି ସହିବାକୁ ପଡିଥାଏ କିନ୍ତୁ ଚୁକ୍ତି ମୁତାବକ କୃଷକକୁ ତାର ସେବା ପାଇଁ ସ୍ଥିରିକୃତ ଅର୍ଥରାଶି ଦେବାକୁ ପଡେ ଏବଂ

(iii). ପୁନଶ୍ଚ ଅନ୍ୟାନ୍ୟ ସେହି ପ୍ରକାର ଚୁକ୍ତି କିମ୍ବା ସଂଯୁକ୍ତି ଚୁକ୍ତି ଯାହା ଉପରେ ଦର୍ଶାଯାଇଅଛି ଓ ଲିପିବଦ୍ଧ କରାଯାଇଅଛି ।

୧୯୩୨ ର ୯ i) ଆବାଦି କ୍ଷେତ୍ର ଅର୍ଥ ଯେଉଁ କ୍ଷେତ୍ର ଭାରତୀୟ ଅଂଶୀଦାର ଆଇନ ୧୯୩୨ ଅନୁଯାୟୀ ପ୍ରଦର୍ଶିତ ।

j) “ଅଦୃଶ୍ୟ କ୍ଷତି ” ଅର୍ଥ ଦର୍ଶାଏ ଯେ - ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ଅନୁଯାୟୀ ଏପରି ଅଦୃଶ୍ୟ ଘଟଣା ଯାହା ଅନ୍ତରାଳରେ ସଂଘଟିତ ହୋଇଥାଏ ଯଥା ବନ୍ୟା, ମରୁଡି, ଖରାପ ବା ଅନୁପଯୁକ୍ତ ପାଣିପାଗ, ମରୁଡି, ଭୁମିକମ୍ପ, ମହାମାରୀ ରୋଗ ବ୍ୟାପକତା, ପୋକରୋଗ ଆକ୍ରମଣ, ଏବଂ ଏହିପରି ନାନା ଦୁର୍ଦ୍ଧଷ୍ଟ ଅବସ୍ଥା ପକ୍ଷଙ୍କ ମଧ୍ୟରେ ଯାହା ଏଡାଇ ଦିଆଯାଇ ପାରେନା ।

k) “ବିଜ୍ଞାପନ” ଅର୍ଥ – କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର ପ୍ରକାଶିତ ବିଜ୍ଞାପନ ଯହା ସରକାରୀ କାର୍ଯ୍ୟାଳୟ ବା ବିଜ୍ଞାପନ ରାଜପତ୍ରରେ “ବିଜ୍ଞାପିତ” :-

l) “ବ୍ୟକ୍ତି” ଅର୍ଥାତ

**(i).** ଏକ ନିର୍ଦ୍ଧିଷ୍ଟ ବ୍ୟକ୍ତିବିଶେଷ

**(ii).** (ଏକ ଅଂଶୀଦାରୀ ଆମଦାନି କ୍ଷେତ୍ର ବା ଆବାଦି କ୍ଷେତ୍ର)

**(iii).** ଏକ (ସଙ୍ଘଂ) କଂପାନୀ,

**(iv).** ଏକ ସୀମିତ ଦାୟ ଅଂଶୀଦାର,

**(v).** ଏକ ସମବାୟ ସମିତି,

**(vi).** ଏକ ସମିତି, କିମ୍ବା

**(vii).** କୌଣସି ସଂଗଠନ କିମ୍ବା ଲୋକମାନଙ୍କ ସଂଗଠନ ଯାହା ସଘିଂୟ ଢ଼ାଞ୍ଚାଯୁକ୍ତ କିମ୍ବା ଅନୁବର୍ଦ୍ଦିତ ଏକ ଦଳ ଓ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ମାଧମରେ ଜଡିତ ଓ ସ୍ୱୀକୃତି ପ୍ରାପ୍ତ

m) "ବିହିତବ୍ୟବସ୍ଥା" ଅର୍ଥ ଯାହା ଏହି ଆଇନ ଅନୁଯାୟୀ ସ୍ଥିର ବିଧି ଅର୍ନ୍ତଭୁକ୍ତ ।

n) "ପଂଜୀକରଣ ଅଧିକାରୀ" ଅର୍ଥ ଯେ ଆଇନର ଧାରା ୧୨ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତପ୍ରାପ୍ତ ଓ ପ୍ରାଧିକୃତ ଅଧିକାରୀ ।

o) "ପ୍ରାୟୋଜକ" ଅର୍ଥ ବୁଝାଏ ଯେ ଜଣେ ବ୍ୟକ୍ତି ଓ କୃଷକ ମଧରେ ଆବାଦି କ୍ଷେତ୍ରର କୃଷି ଉତ୍ପାଦନ ସାମଗ୍ରୀକୁ କିଣିବାକୁ ଯେଉଁ ସଂସଦ ବା ବ୍ୟକ୍ତିଙ୍କ ଦ୍ୱାରା ଚୁକ୍ତି ସମ୍ପାଦିତ ହୋଇଛି ।

p) "ରାଜ୍ୟ" କେନ୍ଦ୍ର ଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ ।

## ବିଭାଗ-୨

## ଆବାଦ କ୍ଷେତ୍ର ଚାଷ ଚୁକ୍ତିନାମା

ଚାଷ ଚୁକ୍ତି ଏବଂ ସମୟସୀମା

୩. (୧) କୌଣସି କୃଷି ଉତ୍ପାଦ ନିମନ୍ତେ ଜଣେ କୃଷକ ଏକ ଲିଖିତ ଚୁକ୍ତି କରିପାରେ ଏବଂ ଉକ୍ତ ଚୁକ୍ତି ;

a) ନିୟମ ଓ କ୍ରମ ଅନୁସାରେ ସେହି ଉତ୍ପାଦିତ ସାମଗ୍ରୀର ଯୋଗାଣ, ଯୋଗଣର ସମୟସୀମା, ପ୍ରକାର, ଗୁଣବତ୍ତା ଓ ମାନ, କିଶମ, ମୂଲ୍ୟ ଏବଂ ସଂଯୋଗିତ ଜଡିତ ଘଟଣା ।

b) ଆବାଦିକ୍ଷେତ୍ରର ଆନୁସଂଗିକ ସେବାକ୍ଷେତ୍ର ନିମିତ୍ତ ଓ ସେହି ନିୟମ ସହ ସଂଯୁକ୍ତ ଓ ସଂପର୍କିତ ।

ଯାହାକି ଆବାଦି କ୍ଷେତ୍ରର ବ୍ୟବହାର, କାର୍ଯ୍ୟକାରୀ ନିମନ୍ତେ ଆଇନଗତ ଆବଶ୍ୟକତା ପ୍ରୋତ୍ସାହକ କିମ୍ବା ଆବାଦି କ୍ଷେତ୍ର ବ୍ୟବହାର ଯୋଗଣକାରୀ ଉପରେ ଦାୟିତ୍ୱ ନ୍ୟସ୍ତ ରହିବ

(୨) ଅଂଶୀଦାର ଶସ୍ୟ ଉତ୍ପାଦକର ଅଧିକାର କ୍ଷୁର୍ଣ୍ଣ କରି କୃଷକ ଏହି ଧାରା ଅର୍ନ୍ତଗତ କୌଣସି ଚୁକ୍ତି କରି ପାରିବ ନାହିଁ ।।

ବ୍ୟାଖ୍ୟା – ଏହି ଉପଧାରାର ଉଦ୍ଦେଶ୍ୟ ଅଂଶୀଦାର ଶସ୍ୟ ଉତ୍ପାଦକର ସଂଜ୍ଞା ଅର୍ଥ ଜଣେ କୃଷକ କିମ୍ବା ଆବାଦୀ କ୍ଷେତ୍ରର ଦଖଲକାର ଯେ ବାସ୍ତବ ବା ଆବାସ୍ତବରେ ଏକ ନିର୍ଦ୍ଦିଷ୍ଟ ଅଂଶ ନିଜ ଉତ୍ପାଦନର କିମ୍ବା ନିର୍ଦ୍ଦିଷ୍ଟ ପରିମାଣ ଟଙ୍କା କୃଷି କ୍ଷେତ୍ରରୁ ଉତ୍ପନ୍ନ ଓ ବେଉଷଣ ପାଇଁ ଜମି କର୍ତ୍ତାକୁ ଦେବ ।

(୩) ଆବାଦୀକ୍ଷେତ୍ର ସର୍ବନିମ୍ନ ଚୁକ୍ତି ସମୟ ସୀମା ଏକ କୃଷି ଉତ୍ପାଦନ ଋତୁ କିମ୍ବା ଏକ ଉତ୍ପାଦନ ଚକ୍ର ଗୋଧନରେ, ଯେଉଁ କାରଣ ବଶତଃ ହେଉନା କାହିଁକି ଏହା ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ହୋଇ ପାରିବ ।

ଯେଉଁଠି ଉତ୍ପାଦନ ଚକ୍ର ଦୀର୍ଘତ୍ତମ ଏବଂ ୫ ବର୍ଷ ଅବଧିରୁ ଅଧିକ ହେଉଥିବ, ସେ କ୍ଷେତ୍ରରେ ସର୍ବାଧିକ ଅବଧି କ୍ଷେତ୍ରର ଚୁକ୍ତି କୃଷକ ଏବଂ ପ୍ରୋତ୍ସାହକଙ୍କ ମଧ୍ୟରେ ସହମତି ଭିତ୍ତିରେ ସ୍ଥିର ହେବ ଏବଂ ଆବାଦୀ କ୍ଷେତ୍ର ଚୁକ୍ତିରେ ସ୍ୱଷ୍ଟରୂପେ ଉଲ୍ଲେଖ ରହିବ ।

(୪) କୃଷକମାନଙ୍କୁ ଆବାଦୀ କ୍ଷେତ୍ର ଚୁକ୍ତିନାମାକୁ ସୁଗମ କରିବା ଉଦ୍ଦେଶ୍ୟରେ କେନ୍ଦ୍ରସରକାର ନମୁନା ଆବାଦୀକ୍ଷେତ୍ର ଚୁକ୍ତି ସହ ଆବଶ୍ୟକ ନିର୍ଦ୍ଦେଶାବଳୀ ଯେଉଁ ପ୍ରକାରର, ଯାହା ଯଥାର୍ଥ ସେ ସମ୍ବନ୍ଧେ ଦିଗଦର୍ଶନ ଦେଇପାରିବେ ।

ଆବାଦୀକ୍ଷେତ୍ର ଉତ୍ପାଦନର ଗୁଣବତ୍ତା, ଶ୍ରେଣୀ ଏବଂ ମାନ

**୪.** (୧) ପକ୍ଷମାନେ ଆବଦି କ୍ଷେତ୍ର ଚୁକ୍ତି ଅନୁସାରେ ନିଜେ ନିର୍ଦ୍ଦିଷ୍ଟ କରିବେ ଏବଂ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଅବସ୍ଥା ଓ ସ୍ଥିତି ଦରକାର କରିବେ ଯାହା ସହମତି ଭିତ୍ତିରେ ଆବାଦୀ କ୍ଷେତ୍ର ଉତ୍ପାଦନର ଗୁଣବତ୍ତା, ଶ୍ରେଣୀ ଏବଂ ମାନ ନିର୍ଦ୍ଧାରିଣ କରିଥିବେ ବା କରିପାରପିବେ ।

(୨) ଉପଧାରା ୧ ଅନୁସାରେ, ପକ୍ଷମାନେ ଗୁଣବତ୍ତା, ଶ୍ରେଣୀ, ଏବଂ ମାନ ନିର୍ଦ୍ଧାରଣ କରିବେ – ଯାହାକି ନିର୍ଦ୍ଧାରିତ ବିଧି ଅନୁସୃତ ହେବା ବାଞ୍ଛନୀୟ ।

a) ଯାହା କୃଷି ଓ ଶସ୍ୟବିଦ୍ୟା ଅଭ୍ୟାସ ଅନୁଯାୟୀ ଉପଯୋଗୀ, କୃଷି ପାଗ ଏବଂ ଅନୁରୂପ କାରଣ କିମ୍ବା

b) ରାଜ୍ୟ କିମ୍ବା କେନ୍ଦ୍ରସରକାର ବା ସରକାରୀ ପ୍ରାଧିକୃତ ପ୍ରତିନିଧି କିମ୍ବା କୌଣସି ପ୍ରତିନିଧି ପ୍ରୋକ୍ତ ରାଜ୍ୟ ସରକରାଙ୍କ କ୍ଷମତାପ୍ରାପ୍ତ ନିର୍ଦ୍ଧାରଣ କରିଛନ୍ତି ।

ଏବଂ ସତନ୍ତ୍ରରୂପେ ଆବାଦୀକ୍ଷେତ୍ର କୃଷି ଉତ୍ପାଦନର ଗୁଣବତ୍ତା, ଶ୍ରେଣୀ ଓ ମାନ ଦର୍ଶାଇଛନ୍ତି ।

(୩) ରୋଗ ପୋକ ମରା ଔଷଧର ଖଦଡା ଅଂଶ, ଖାଦ୍ୟ ସୁରକ୍ଷା ଗୁଣବତ୍ତା, ଉତ୍ତମ ଆବାଦୀକ୍ଷେତ୍ର ପରିଚାଳନା ଅଭ୍ୟାସ ଏବଂ ଶ୍ରମ ଏବଂ ସାମାଜିକ ଉନ୍ନତିର ମାନ ମଧ୍ୟ ଆବାଦୀ କ୍ଷେତ୍ରର ଚୁକ୍ତି ମଧ୍ୟରେ ଗ୍ରହଣ କରାଯିବ ଓ ଗ୍ରହଣୀୟ ହେଉଥିବ ।

(୪) ପକ୍ଷମାନେ ଆବାଦୀକ୍ଷେତ୍ର ଚୁକ୍ତି କରିବା ସମୟରେ ଏକ ତୃତୀୟପକ୍ଷର ଆବଶ୍ୟକତା ଅନୁଭୂତ କରିପାରନ୍ତି କାରଣ ଆବଶ୍ୟକ ସହମତିରେ ଗ୍ରହଣୀୟ ଗୁଣବତ୍ତା, ଶ୍ରେଣୀ ଏବଂ ମାନ ନିର୍ଦ୍ଧାରଣ ଚାଷ କିମ୍ବା ଉତ୍ପାଦ ସମୟରେ କାର୍ଯ୍ୟକାରୀ କରାଯିବ କିମ୍ବା ପହଞ୍ଚାଇବା ସମୟରେ ଯାହା ନିରପେକ୍ଷ ଓ ସତୀନ୍ଥ ନିଶ୍ଚିତ ହେବ ଏବଂ ତୃତୀୟପକ୍ଷ ଏଥି ନିମନ୍ତେ ଯୋଗ୍ୟମୂଲ୍ୟାୟନ କର୍ତ୍ତା ଏବଂ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ନିରପେକ୍ଷତା ବାଞ୍ଛନୀୟ ।

ଆବାଦୀ କ୍ଷେତ୍ର ଉତ୍ପାଦନର ମୂଲ୍ୟାୟନ

**୫.** ଆବାଦୀକ୍ଷେତ୍ର ଉତ୍ପାଦନ ଚୁକ୍ତିରେ ଏକ କୃଷି ଉତ୍ପାଦନ ସାମଗ୍ରୀର କ୍ରୟ ମୂଲ୍ୟ ନିର୍ଦ୍ଧାରିତ ଏବଂ ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ଯଦି ସେହି ମୂଲ୍ୟ ବେଶୀ/କମ୍ ଅର୍ନ୍ତଭୁକ୍ତ, ତେବେ, ସେହି ଚୁକ୍ତି ନିଶ୍ଚିତରୂପେ ସୁଚାଏ ଯେ –

a) ସେହି ଉତ୍ପାଦ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଦେବାକୁ ହୋଇଥାଏ ।

**b)** ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଉର୍ଦ୍ଧ୍ୱ ଅତିରିକ୍ତ ମୂଲ୍ୟ ଦେବା ନିମନ୍ତେ ଏକ ସ୍ୱଚ୍ଛ ମୂଲ୍ୟର ନିର୍ଦ୍ଦେଶ ରହେ ଓ ତତ୍ ସହ ବୋନସ୍ ରାଶି ଦେବା ରହିଥାଏ ଏବଂ ସେହି ମୂଲ୍ୟ ନିର୍ଦ୍ଦେଶ ପ୍ରଚଳିତ କୃଷି ଉତ୍ପାଦନ ବିପଣନ ସମିତି ପରିସର କିମ୍ବା ବୈଦ୍ୟୁତିକ ବ୍ୟବସାୟ ଓ ବାଣିଜ୍ୟ ନେଣଦେଣ କାରବାର ବ୍ୟବସ୍ଥା କିମ୍ବା ଅନ୍ୟକୌଣସି ଯଥାର୍ଥ ମୂଲ୍ୟ ନିର୍ଦ୍ଧାରଣକାରୀ ସଂସ୍ଥା ଅନୁଯାୟୀ ଜଡିତ ଥାଏ ।

ଏବଂ ଏପରି ମୂଲ୍ୟ ନିର୍ଦ୍ଧାରଣ ଉପାୟ କିମ୍ବା ନିଶ୍ଚିତ ମୂଲ୍ୟାୟନ କିମ୍ବା ଅତିରିକ୍ତ ପରିମାଣ, ଯାହା କି ଆବାଦୀକ୍ଷେତ୍ର ଚୁକ୍ତି ସହ ଜଡିତ ଥାଏ ।

**୬.** (୧) ଯେଉଁଠାରେ ଏକ ଆବାଦୀକ୍ଷେତ୍ର ଚୁକ୍ତି ଅନୁଯାୟୀ, କୌଣସି କୃଷି ଉତ୍ପାଦନ ସାମଗ୍ରୀର ବିତରଣ ହେବ – *(ଆବାଦୀ କ୍ଷେତ୍ର କୃଷି ଉତ୍ପାଦର ବିକ୍ରୟ କିମ୍ବା କ୍ରୟ)*

a) ସଂଗ୍ରାହକ କ୍ଷେତ୍ର ଦ୍ୱାର ପାଶ୍ୱରୁ ନେଇଥାଏ ଓ ସେ ଚୁକ୍ତି ସମୟ ମଧ୍ୟରେ ନେବା ଆବଶ୍ୟକ ।

b) କୃଷକ ଉତ୍ପାଦ ସଂଗ୍ରହ କାର୍ଯ୍ୟକାରୀ କରିବା ପରେ, ପ୍ରାଯୋଜିତବ୍ୟକ୍ତି ଏହାର ସୁନିଶ୍ଚିତ କରିବା ଓ ସମସ୍ତ ପ୍ରସ୍ତୁତି ଅନୁଯାୟୀ ପଠାଯାଇଥିବା ଦ୍ରବ୍ୟ ଠିକ୍ ସମୟରେ ପହଁଚାଇବା ନିମିତ୍ତ ବ୍ୟବସ୍ଥିତ ପଦକ୍ଷେପ ନେବ ।

(୨) କୌଣସି କୃଷି ଉତ୍ପାଦନକୁ ଗ୍ରହଣ ପୂର୍ବରୁ ପ୍ରୋତ୍ସାହକ / ପ୍ରାଯୋଜିତ ବ୍ୟକ୍ତି ଚୁକ୍ତି ନାମା ଅନୁଯାୟୀ ଏହାର ଗୁଣବତ୍ତା କିମ୍ବା ଅନ୍ୟ ଲକ୍ଷଣ ଅନୁସନ୍ଧାନ କରିବେ ଅନ୍ୟଥା ହସ୍ତାନ୍ତର ସମୟରେ କିମ୍ବା ପରେ ପଛଘୁଞ୍ଚାଦେଇ ଅଧିକାରରୁ ଆପଣେଇ ପାରିବନି ଏବଂ ସମୟୋଚିତ ପଦକ୍ଷେପ ନନେଲେ ପ୍ରୋତ୍ସାହକ ବିଧିଅନୁଯାୟୀ ନିରୀକ୍ଷଣ କରିଥିବା ।

(୩) ପ୍ରାଯୋଜିତବ୍ୟକ୍ତି ବା ପ୍ରୋତ୍ସାହକ -

a) ଯେଉଁ ଆବାଦୀ କ୍ଷେତ୍ର ଚୁକ୍ତି ବିହନ ଉତ୍ପାଦନ ସହ ସଂଶ୍ଲିଷ୍ଟ ହସ୍ତାନ୍ତର ସମୟରେ ଦୁଇତୃତୀୟାଂଶ ମୂଲ୍ୟ ଏବଂ ଅବଶିଷ୍ଟ ଚୁକ୍ତି ସମ୍ମତ ମୂଲ୍ୟ ୩୦ ଦିନ ମଧ୍ୟରେ ଦେବେ ।

b) ଅନ୍ୟକ୍ଷେତ୍ରମାନଙ୍କରେ, ଗ୍ରହଣ ସମୟରେ ଚୁକ୍ତି ମୂଲ୍ୟ ଦେୟ ରସିଦରେ ଏହା ଉଲ୍ଲେଖ କରିବେ ।

(୪) ରାଜ୍ୟ ସରକାର ଉପଧାରା ୩ ଅନୁସାରେ କୃଷକଙ୍କୁ ମୂଲ୍ୟ ପ୍ରଦାନର ରୂପରେଖ ନିର୍ଦ୍ଦିଷ୍ଟ ରୂପେ ଦର୍ଶାଇବେ ଓ ସେହି ଅନୁଯାୟୀ କୃଷକଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ ।

**୭.**(୧) ଏହି ଆଇନ ଅର୍ନ୍ତଭୁକ୍ତ ଆବାଦୀ କ୍ଷେତ୍ରର ଉତ୍ପାଦ ରାଜ୍ୟ ଆଇନ ଅନୁଯାୟୀ କଟକଣା ବର୍ହିଭୁତ ହେବ, ଆବାଦୀ କ୍ଷେତ୍ର ଉତ୍ପାଦନର କିଣାବିକା ବିଧି ନିୟନ୍ତ୍ରଣମୁକ୍ତ ରହିବ । *(ଆବାଦୀ କ୍ଷେତ୍ର ସହ ଜଡିତ କୋହଳ କଟକଣା)*

(୨) ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ କିମ୍ବା କୌଣସି ନିୟନ୍ତ୍ରଣ ଆଇନର କିମ୍ବା ଅନ୍ୟ ଆଇନ ଯାହାକି ପ୍ରଚଳିତ ବା ଯାହାକି ପ୍ରାବଧାନ ଥାଉ ନା କାହିଁକି, ଆଇନର ଧାରା ଅନୁଯାୟୀ କାର୍ଯ୍ୟକାରୀ ବ୍ୟବସ୍ଥା ଆବାଦୀ କ୍ଷେତ୍ରଚୁକ୍ତି କିଣା ବିକା ଅନୁଯାୟୀ କାର୍ଯ୍ୟକାରୀ ହେବ ଓ ଉକ୍ତ ବିଧିବିଧାନର ନିୟନ୍ତ୍ରଣମୁକ୍ତ ରହିବ ।

୮. ଆବାଦୀ କ୍ଷେତ୍ର ଚୁକ୍ତି କାର୍ଯ୍ୟକାରୀ ବିଧି ସମ୍ମତ ନୁହେଁ ; ଯଦି

କୃଷକଭୂମି କିମ୍ବା କ୍ଷେତ୍ରକୁ ଧର୍ମ ପ୍ରଭୃଭ ମାଲିକାନା ଏବଂ କିମ୍ବା ପୁସ୍ଥାୟୀ ପରିବର୍ତ୍ତନ ବାଧକ

a) କୃଷକର ଜମି କିମ୍ବା ପରୀସୀମା ଜମିର ବିକ୍ରୀ, ଲିଜ୍ (ଭଡା) ଏବଂ ବନ୍ଧକ ସୂତ୍ରରେ ପରିବର୍ତ୍ତନ ।

b) ଚୁକ୍ତି ନାମା ସର୍ତ୍ତ ଅନୁଯାୟୀ ପ୍ରୋୟୋଜିତ ବ୍ୟକ୍ତି ଯଦି ସ୍ଥାୟୀ ଗୃହ ନିର୍ମାଣ ଓ ଅନ୍ୟନିର୍ମଣ ଆବଶ୍ୟକ ମନେକଲେ କରିପାରିବେ ଓ ଚୁକ୍ତି ଅନୁଯାୟୀ ଚୁକ୍ତି ସମାପ୍ତ ପୂର୍ବରୁ ଏହାର ପୂର୍ବାବସ୍ଥାକୁ ଫେରାଇଆଣି ହସ୍ତାନ୍ତର କରିବେ ନଚେତ ନିର୍ମିତ ହୋଇଥିବା ସମସ୍ତ ଗଠନ କାର୍ଯ୍ୟ ଚୁକ୍ତିମୁତାବକ କୃଷକର ନିଜସ୍ୱ ସମ୍ପତ୍ତିଭାବେ ବିବେଚିତ ହେବ କିମ୍ବା ପୂର୍ବ ଅବସ୍ଥାକୁ ଆଣିବା ବ୍ୟବସ୍ଥା ଜଡିତ ଯାହା ବ୍ୟବସ୍ଥା ଅନୁଯାୟୀ ସେହି ସ୍ଥାୟୀ ବାସଗୃହ ନିର୍ମାଣ ଓ ଜମିର ପରିବର୍ତ୍ତନ କୃଷକର ଜମି ଉପରେ କରିବେ ;

ଯେକି ପ୍ରାୟୋଜିତ ବ୍ୟକ୍ତି ସେହି କୃଷକର ଜମି ଉପରେ ଯେଉଁ ନିର୍ମାଣ କରିଥିବାକୁ ସେହି ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ହଟାଇ ଦେବ କିମ୍ବା ପୂର୍ବ ସ୍ଥିତିରେ ଫେରସ୍ତ କରିଦେବ ।

୯. ଏକ ଆବାଦୀ କ୍ଷେତ୍ର, ଚୁକ୍ତି ବୀମା ଓ ରଣ ସୂତ୍ରରେ ସଂପୃକ୍ତ ଯାହା କେନ୍ଦ୍ର କିମ୍ବା ରାଜ୍ୟ ସରକାର କିମ୍ବା କୌଣସି ଆର୍ଥିକ ସେବା ଯୋଗଣକାରୀ ସଂସ୍ଥା ମାଧମରେ କୃଷକ କିମ୍ବା ପ୍ରାୟୋଜିତ କିମ୍ବା ଉଭୟଙ୍କର ଅସୁବିଧା ସୁଧାରି ପାରିବ ।

ଆବାଦୀକ୍ଷେତ୍ରର ଚୁକ୍ତି ବୀମା ଓ ରଣ ସୂତ୍ରରେ ସଂଯୁକ୍ତି

୧୦. ଆଇନର ଅନ୍ୟ ପ୍ରାବଧାନ ସହ, ଏକ ସଂପ୍ରାହକ କିମ୍ବା ଆବଦୀକ୍ଷେତ୍ର ସେବା ପ୍ରଦାୟକ ଆବାଦୀ କ୍ଷେତ୍ର ଚୁକ୍ତି ଅନୁଯାୟୀ ଚୁକ୍ତିବଦ୍ଧ ଅଟନ୍ତି ଏବଂ ଏହି କାରଣରୁ ଚୁକ୍ତି ମଧ୍ୟରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସୁସ୍ପଷ୍ଟ ହେବା ବାଞ୍ଛନୀୟ

ଆବାଦୀ କ୍ଷେତ୍ର ସହ ଅନ୍ୟ ପକ୍ଷଙ୍କ ସଂପୃକ୍ତି

ବ୍ୟାଖ୍ୟା – ଏହି ଧାରାନିୟମ ଅନୁସାରେ ।

**(i).** ‘ସଂପ୍ରାହକ’ ଅର୍ଥ କୌଣସି ବ୍ୟକ୍ତି, ଏକ ଆବାଦୀ କ୍ଷେତ୍ର, ଉତ୍ପାଦକ ସଂଘ ସହ ଯେ କୃଷକ କିମ୍ବା କୃଷକଦଳ ଏବଂ ପ୍ରାୟୋଜିତ କର୍ତ୍ତା କିମ୍ବା ତାଙ୍କର ସହଯୋଗରେ ସମନ୍ନୟ ରକ୍ଷାକାରୀ ଭାବେ କୃଷକ ଏବଂ ପ୍ରୟୋଜକଙ୍କ ମଧ୍ୟରେ ଯେଉଁ ସେବା ପ୍ରଦାନ କରିବେ ତାର ବିସ୍ତୃତ ଉଲ୍ଲେଖ ରହିବ ।

**(ii).** “ଆବାଦୀକ୍ଷେତ୍ର ସେବା ପ୍ରଦାୟକ” ଅର୍ଥ ବ୍ୟକ୍ତି ବିଶେଷ ଆବାଦୀ କ୍ଷେତ୍ର ସେବା ଯୋଗାଣ କାରୀ ଅନୁଷ୍ଠାନ ବା ସଂସ୍ଥା

୧୧. ଯେ କୌଣସି ସମୟରେ କୌଣସି ଯଥାର୍ଥ କାରଣ ପାଇଁ ଆବାଦୀ କ୍ଷେତ୍ରଚୁକ୍ତି କରିଥିବା ପକ୍ଷ ପରସ୍ପର ସହମତିରେ କୌଣସି ଅନୁଚ୍ଛେଦର ଆବଶ୍ୟକ ପରିବର୍ତ୍ତନ ଓ ରଦ୍ଦକରଣ କରିପାରିବେ ।

ଆବାଦୀ କ୍ଷେତ୍ର ଚୁକ୍ତି ପରିବର୍ତ୍ତନ ଓ ରଦ୍ଦକରଣ

**୧୨.** (୧) କୌଣସି ରାଜ୍ୟ ପାଇଁ ସଂପୃକ୍ତ ରାଜ୍ୟ ସରକାର ବିଜ୍ଞାପନ ଜରିଆରେ ପଂଜୀ କରଣ ପ୍ରାଧିକାରୀ ପ୍ରତିଷ୍ଠା କରିବେ ଯାହା ଆବାଦୀ କ୍ଷେତ୍ର ଚୁକ୍ତି ବୈଦ୍ୟୁତିକ ବ୍ୟବସ୍ଥାମାଧମରେ ସମ୍ପୂର୍ଣ୍ଣ କରାଯିବ । ପଂଜୀକରଣ ନିମନ୍ତେ ଅଧିକାରୀ ଗଠନ

(୨) ରାଜ୍ୟ ସରକାରଙ୍କ ସିଦ୍ଧାନ୍ତ ଅନୁଯାୟ ପଂଜୀକରଣ ପ୍ରାଧିକାରୀଙ୍କ ସମ୍ବିଧାନ, ଗଠନ, କ୍ଷମତା ଏବଂ କ୍ରାର୍ଯ୍ୟ ପ୍ରଣାଳୀ ଏବଂ ପଂଜୀକରଣ ସମ୍ବନ୍ଧୀୟ ନିୟମ ସ୍ଥିର କରାଯିବ ।

## ବିଭାଗ- ୩

## ବିବାଦ ସମାଧାନ

**୧୩.** (୧) ପ୍ରତ୍ୟେକ ଆବାଦୀ କ୍ଷେତ୍ର ଚୁକ୍ତି ସ୍ୱଷ୍ଟରୂପେ ବୁଝାମଣାର ବ୍ୟବସ୍ଥା ରଖିବେ ଏବଂ ଚୁକ୍ତି ମୁତାବିକ ଉଭୟପକ୍ଷଙ୍କର ମନୋନୀତ ସଭ୍ୟ ଏହି ବୁଝାମଣା ପରିଷଦର ର ସଭ୍ୟ ରହିବେ : ବିବାଦ ସମାଧାନ ପାଇଁ ବୁଝାମଣା ପରିଷଦ

ଉକ୍ତ ପରିଷଦର ଉଭୟ ପକ୍ଷଙ୍କର ପ୍ରତିନିଧି ସ୍ୱଚ୍ଛ ଏବଂ ନିର୍ବିବାଦୀୟ ହେବେ ।

(୨) କୌଣସି ଆବାଦୀ କ୍ଷେତ୍ର ଚୁକ୍ତି ମଧରେ ବିବାଦ ଉପୁଜିଲେ ପ୍ରଥମେ ବୁଝାମଣା ପରିଷଦକୁ ବିଚ଼ର ନିମନ୍ତେ ଶୁପାରିସ କରାଯିବ ଯାହାକି ଆବାଦୀ କ୍ଷେତ୍ରର ପରିଷଦ ଚୁକ୍ତି ବ୍ୟବସ୍ଥା ଅନୁସାରେ ଗଠିତ ଏବଂ ପ୍ରତ୍ୟେକ ପଦକ୍ଷେପ ଓ ପ୍ରଚେଷ୍ଟା ପରିଷଦ ମାଧମରେ ହିଁ ନିଆଯାଇ ନିଷ୍ପତ୍ତି ନିଆଯିବ ।

(୩) ଯେଉଁଠି କୌଣସି ବିବାଦ ସମ୍ବନ୍ଧରେ ବୁଝାମଣା ବ୍ୟବସ୍ଥା ଅନୁଯାୟୀ ସମାଧାନ ହୋଇପାରଲା, ସେହି ଅନୁଯାୟୀ ଏକ ନିଷ୍ପତ୍ତି ସଂକ୍ଷିପ୍ତ ଲିଖିତ ବିବରଣୀରୁ ଚୁମ୍ବକଲେଖି ଉଭୟ ପକ୍ଷଙ୍କର ସାକ୍ଷର ସହ ପ୍ରସ୍ତୁତ କରାଯିବ ଏବଂ ଏହି ଚୁକ୍ତି ନାମା ପକ୍ଷମାନଙ୍କ ମଧରେ ନିଶ୍ଚିତରୂପେ କାର୍ଯ୍ୟକାରୀ ହେବ ।

**୧୪.** (୧) ଯେଉଁଠି ଆବାଦୀଚୁକ୍ତି ଉପଧାରା ୧, ଧାରା ୧୩ ଅନୁଯାୟୀ ଆବଶ୍ୟକ ସମାଧାନ ବ୍ୟବସ୍ଥା ପନ୍ଥା ନଥାଏ କିମ୍ବା ୩୦ ଦିନ ମଧରେ ପକ୍ଷମାନେ ନିଜର ବିବାଦ ସମାଧାନ ପନ୍ଥାବ୍ୟବସ୍ଥା ମାଧମରେ କରିବାକୁ ଅକ୍ଷମ ହେଲେ, କୌଣସି ପକ୍ଷ ଏହି ଆବଦୀକ୍ଷେତ୍ର ଚୁକ୍ତି ଅନୁସାରେ ଉପୁଜିଥିବା ବିବାଦକୁ ଉପଖଣ୍ଡ ମାଜିଷ୍ଟ୍ରେଟ୍ ଙ୍କ ନିକଟରେ ନିଷ୍ପତ୍ତି ନିମନ୍ତେ ଉପସ୍ଥାପନ କରି ପାରିବେ ଯେ କି ଉପଖଣ୍ଡ ସ୍ତରୀୟ ଅଧିକାରୀ ଅଟନ୍ତି । ବିବାଦ ମୀମାଂଶା ପାଇଁ ବ୍ୟବସ୍ଥା

(୨) ଉପଧାରା (୧) ଅନୁଯାୟୀ, ବିବାଦ ଗ୍ରହଣ ପରେ ଉପଖଣ୍ଡ ଅଧିକାରୀ ଚ଼ହିଲେ, ଯଦି –

a) ଆବାଦୀ ଚୁକ୍ତି ଅନୁଯାୟୀ ବୁଝାମଣା ବ୍ୟବସ୍ଥା ନଥିବା ଏକ ବୁଝାମଣା ପରିଷଦ ଗଠନ ମାଧମରେ ସେହି ବିବାଦର ସମାଧାନର ପନ୍ଥା ବାହାର କରିପାରିବେ କିମ୍ବା ।

b) କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଯଦି ପକ୍ଷମାନେ ସେମାନଙ୍କ ବିବାଦ ବୁଝାମଣା ଭିତ୍ତିରେ ସମାଧାନରେ ଅକ୍ଷମ ହେଲେ, ବିବାଦ ଗ୍ରହଣର ୩୦ଦିନ ମଧରେ ଓ ବିଚାର ବ୍ୟବସ୍ଥା ମାଧମରେ ପକ୍ଷମାନଙ୍କୁ ଶୁଣାଣିର ସୁଯୋଗ ଦେଇ ପାରିବେ ଏବଂ ଆଦେଶ ଜରିଆରେ ବିବାଦୀୟ ପରିମାଣକୁ ପୁନଃରୁଦ୍ଧାର କରିବାସହ ଜୋରିମାନା ଏବଂ ଯଥାର୍ଥ ସୁଧ ଆଦାୟନିମିତ୍ତ ଆଦେଶନାମା ନିମ୍ନ ନିୟମାନୁସାରେ କରାଯାଇପାରିବ । ଯଥା –

**(i).** ଯେଉଁଠି ପ୍ରାୟୋଜକ କୃଷକକୁ ତାର ପ୍ରାପ୍ୟ ମୂଲ୍ୟ ପ୍ରଦାନ କରିବାରେ ଅସଫଳ ହୁଏ, ସେ କ୍ଷେତ୍ରରେ ଜୋରିମାନା ପରିମାଣ ପ୍ରାପ୍ୟ ପରିଣାମର ଦେଢ଼ଗୁଣ ବଢ଼ିଯିବ ।

**(ii).** ଯେଉଠି ଆଦେଶ କୃଷକର ବିପକ୍ଷରେ ଯାଏ, ଯାହା ପ୍ରାୟୋଜକଙ୍କ ଅଗ୍ରିମ ଅର୍ଥ ରାଶି ପ୍ରଦାନ କିମ୍ବା ଆବାଦୀଚୁକ୍ତି ଅନୁଯାୟୀ ବ୍ୟବସ୍ଥାର ସହଯୋଗୀ, ସେହି ଅର୍ଥ ପ୍ରକୃତ ପରିମାଣ ଖର୍ଚ୍ଚ ଠାରୁ ଅଧିକ ହୋଇ ପାରିବ ନାହିଁ ।

**(iii).** ଯଦି ଆଇନ ପ୍ରାବଧାନ ଠାରୁ ବିବାଦୀୟ ଆବାଦୀକ୍ଷେତ୍ର ଚୁକ୍ତି ବ୍ୟତିକ୍ରମ ହୋଇଥାଏ କିମ୍ବା ଦୈବୀ ଦୁର୍ବିପାକ କାରଣରୁ କୃଷକ ଭରଣା କରିବାରେ ବିଫଳ ଥାଏ ତେବେ କୃଷକ ବିରୁଦ୍ଧରେ ଆଦାୟ ବା ଅସୁଲ ଯୋଗ୍ୟ ଟଙ୍କା ଆଦେଶ ଦିଆଯାଇ ପାରିବ ନାହିଁ ।

(୩) ଉପମଣ୍ଡଳ ଅଧିକାରୀ ଦ୍ୱାରା ଜାରୀ ଆଦେଶ ନାମା ଏହି ଆଇନର ଧାରା ଅନୁଯାୟୀ ଦେଓ୍ୱାନୀ ସଂହିତା ଓ ନିୟମାବଳୀ ୧୯୦୮ର ଆଦେଶର ପ୍ରକାରେ କାର୍ଯ୍ୟକାରୀ କରାଯିବ, ଯେପର୍ଯ୍ୟନ୍ତ ଉପଧାରା -୪ ଅର୍ନ୍ତଗତ କୌଣସି ଆବେଦନ ଆପତ୍ତି, ଅର୍ଜୀ ଉପସ୍ଥାପିତ କରାଯାଇ ନାହିଁ ।

(୪) ଉପମଣ୍ଡଳ ଅଧିକାରୀଙ୍କ ଆଦେଶରେ କ୍ଷୁବଧ ପକ୍ଷ ଆବେଦନ ଅଧିକାରୀ ନିକଟରେ ଆପତ୍ତି ଅର୍ଜୀ ୩୦ ଦିନ ମଧରେ ଦାଖଲ କରିବେ ଯାହା ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲାପାଳଙ୍କ ଇଜଲାସରେ ଉପସ୍ଥାପନ କରାଯାଇପାରିବ ।

(୫) ଆବେଦନ ଅଧିକାରୀ ୩୦ ଦିନ ମଧରେ ପ୍ରସ୍ତୁତ ଆବେଦନ ଆପତ୍ତି ଅର୍ଜୀଙ୍କୁ ଉପରେ ନିଷ୍ପତ୍ତି ନେବେ .

(୬) ପ୍ରତ୍ୟେକ ଆଦେଶ ଆପିଲ ଅଧିକାରୀଙ୍କର ଏହି ଧାରା ମୁତାବକ, ଯାହା ଦେଓ୍ୱାନୀ କୋର୍ଟର ଆଦେଶନାମା କ୍ଷମତା ସହିତସମାନ ଏବଂ ଦେଓ୍ୱାନୀ ଆଇନ୍ ୧୯୦୮ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

(୭) ଉପ ମଣ୍ଡଳ ଅଧିକାରୀ କିମ୍ବା ଅପିଲ୍ ଅଧିକାରୀ ଯେତେବେଳେ ଏହି ଆଇନର ଧାରା ଅନୁଯାୟୀ ଦ୍ୱନ୍ଦର ନିଷ୍ପତ୍ତି ନେଇପାରିବେ, ଯାହାକି ଦେଓ୍ୱାନି ଅଦାଲତ କ୍ଷମତା ଅନୁଯାୟୀ ସତ୍ୟ ପାଠ କରି ସାକ୍ଷ୍ୟ ଗ୍ରହଣ, ସାକ୍ଷୀ ମାନଙ୍କୁ ହାଜିରା ପାଇଁ ଆଦେଶ, ତଥ୍ୟାବଳୀର ଆବିଷ୍କାର ଏବଂ ଉପସ୍ଥାପନ ପାଇଁ ବାଧ୍ୟ କରିବା ଏବଂ ବାସ୍ତବ ବସ୍ତୁ ଏବଂ କେନ୍ଦ୍ର ସରକାରଙ୍କର ସ୍ବୀକୃତ ଅନ୍ୟାନ୍ୟ ବିଧି ବ୍ୟବସ୍ଥା ଅନୁଯାୟୀ ଏହାର ସମାଧାନ କରିପାରିବେ ।

(୮) ଉପ ମଣ୍ଡଳ ଅଧିକାରୀ କିମ୍ବା ଅପିଲ ଅଧିକାରୀଙ୍କ ବିବାଦର ସମାଧାନ ଅନୁଯାୟୀ ଯେଉଁ ଅର୍ଥରାଶି ଦେବାକୁ ଥିବ, ତାହ ଯଦି ଅନାଦାୟ ହୁଏ ଭୂରାଜସ୍ୱ ଆଦାୟ ବିଧି ଅନୁଯାୟୀ ଉକ୍ତ ସର୍ବୋମୋଟ ରାଶି ଆଦାୟ କରାଯିବ ।

(୯) କେନ୍ଦ୍ର ସରକାରଙ୍କର ସ୍ଥିରୀକୃତ ବିଧିଅନୁଯାୟୀ ଏବଂ ନିୟମାନୁଯାୟୀ କିମ୍ବା ଉପ ମଣ୍ଡଳ ଅଧିକାରୀଙ୍କୁ ଦରଖାସ୍ତ ଦେବା ଏବଂ ଅପିଲ୍ ଅଧିକାରୀଙ୍କ ନିକଟରେ ଏକ ଅପିଲ ଦରଖାସ୍ତ ସେହି ପ୍ରକାରରେ ପ୍ରସ୍ତୁତ କରାଯାଇ ଦାଖଲ ହେବ ।

**୧୫.** ଧାରା ୧୪ର ପ୍ରାବଧାନ ଅନୁଯାୟୀ ଉକ୍ତ ଆଦେଶ ବଳରେ ପରିଶୋଧ ଯୋଗ୍ୟ ଦେୟ ଓ ଅସୁଲ ପରିମାଣ ଯାହା କୃଷକର କୃଷି ଉପଯୋଗୀ ଜମି ବିରୁଦ୍ଧରେ କରାଯାଇଛି ତାହା କସ୍ମିନକାଳେ କାର୍ଯ୍ୟକାରୀ ହେବନାହିଁ । କୃଷକର ଭୂମି ଦେୟ ବିରୁଦ୍ଧରେ କାର୍ଯ୍ୟ ଅନାବଶ୍ୟକ

## ବିଭାଗ-୪

## ବିବିଧ

**୧୬.** ଏହି ଆଇନର ବିଭିନ୍ନ ଧାରା ଅନୁଯାୟୀ କେନ୍ଦ୍ର ସରକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଥାର୍ଥ କାର୍ଯ୍ୟନ୍ୱୟନ ଓ ଉପଯୋଗିତା ନିମନ୍ତେ ରାଜ୍ୟସରକରଙ୍କୁ ବିଭିନ୍ନସମୟରେ ନିଶ୍ଚିତ ନିର୍ଦ୍ଦେଶ ଦେଇ ପାରିବେ ଏବଂ ରାଜ୍ୟ ସରକାର ସେହି ନିର୍ଦ୍ଦେଶାବଳୀକୁ କାର୍ଯ୍ୟନ୍ୱୟନ କରିବେ । କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଦେବା କ୍ଷମତା

**୧୭.** ସମସ୍ତ ଅଧିକାରୀ ଓ ପ୍ରାଧିକୃତସଂସ୍ଥା ଯଥା ପଞ୍ଜିକରଣ ଅଧିକାରୀ, ଉପ-ମଣ୍ଡଳ ଅଧିକାରୀ ଏବଂ ଅପିଲ ଅଧିକାରୀ ଏହି ଆଇନ ବଳରେ ନିର୍ଦ୍ଦେଶିତ ବା ପ୍ରତିଷ୍ଠିତ, ଯେଉଁମାନେ ଭାରତୀୟ ପିଙ୍ଗଳ କୋର୍ଡ୍ ଆଇନ୍ ୧୮୬୦ ଧାରା ୨୧ ଅନୁଯାୟୀ ସର୍ବସାଧାରରଣ ଅଧିକାରୀ ବା ଲୋକ ଅଧିକାରୀ ରୂପେ ପରିଗଣିତ । ଆଇନ ନିର୍ଦ୍ଦେଶିତ ସର୍ବସାଧାରଣ ଅଧିକାରୀ

**୧୮.** ଏହି ଆଇନର ପ୍ରାବଧାନ ପ୍ରକାରେ ଏବଂ ସଂଯୁକ୍ତ ନିୟମ ଅନୁଯାୟୀ ସୁସ୍ଥ ବିଶ୍ୱାସରେ ଯେଉଁ କାର୍ଯ୍ୟ ଅଧିକାରୀଙ୍କ ଦ୍ୱାରା ସଂପାଦନ କରାଯାଇଥିବ ଯାହା ବିରୁଦ୍ଧରେ କୌଣସି ଆବେଦନ ଅର୍ଜୀ, ମକଦ୍ଦମା କିମ୍ବା ଅନ୍ୟ ନାୟୀକ କାର୍ଯ୍ୟ ପ୍ରଣାଳୀ କେନ୍ଦ୍ର ସରକାର, ରାଜ୍ୟ ସରକାର ବା ପଞ୍ଜିକରଣ ଅଧିକାରୀ, ଉପମଣ୍ଡଳ ଅଧିକାରୀ ଅପିଲ ଅଧିକାରୀ କିମ୍ବା ତତ୍ ସମ୍ବନ୍ଧୀୟ ସଂଲଗ୍ନିତ କୌଣସି ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କୌଣସି ଅଦାଲତରେ ଗ୍ରହଣୀୟ ହେବନାହିଁ । ଉତ୍ତମ ବିଶ୍ୱାସରେ କରାଯାଇଥିବା କାର୍ଯ୍ୟର ସ୍ଥାୟୀକରଣ

**୧୯.** ଉପମଣ୍ଡଳ ଅଧିକାରୀ କିମ୍ବା ଅପିଲ ଅଧିକାରୀଙ୍କୁ ପ୍ରଦତ୍ତ କ୍ଷମତା ଯାହା ଦେୱାନୀ ଅଦାଲତ ପରିସରର ବାହାର ଏବଂ ଆଇନ ଆଧାରରେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିଷ୍ପତ୍ତି ବିରୁଦ୍ଧରେ କୌଣସି ଅଦାଲତ କିମ୍ବା ଅଧିକାରୀ ନିଷେଧାଦେଶ ଜାରୀ କରି ପାରିବେ ନାହି । ଦେୱାନୀ ଅଦାଲତର ବାଧିତ କ୍ଷମତା ପରସର

୨୦. ଆଇନର ପ୍ରବଧାନ ପ୍ରକାରେ କୌଣସି ରାଜ୍ୟର କାର୍ଯ୍ୟକାରୀ ଆଇନ କିମ୍ବା ଅନ୍ୟ କୌଣସି ଆଇନ ସମ୍ମତ ସର୍ତ୍ତ ସତ୍ତ୍ୱେ ଯାହା ଅସାମଞ୍ଜସ୍ୟ ଥାଉନା କାହିଁକି ପ୍ରଭାବି ରହିବ ଏବଂ ଅଧ୍ୟାଦେଶକୁ ଅନ୍ୟ ପ୍ରଚଳିତ ଆଇନ ବିରୁଦ୍ଧାଚରଣ କରିପାରିବ ନାହିଁ। — ଆଇନର ପଦଦଳିତ ପ୍ରଭାବଯୁକ୍ତ

ଏହି ଯେ, ଏକ ଆବାଦୀ କ୍ଷେତ୍ର ଚୁକ୍ତି କିମ୍ବା ସେହି ଚୁକ୍ତି କୌଣସି ରାଜ୍ୟ ପ୍ରଚଳିତ ଆଇନ ସମ୍ମତ ଏବଂ ତତ୍ ସମ୍ବନ୍ଧୀୟ ନିୟମ ସହ ଜଡିତ, ଏହି ଆଇନ ଘୋଷଣା ପୂର୍ବରୁ ସମ୍ମିଳିତ ହୋଇଥିବ, ସେ ପ୍ରକାରର ରାଜିନାମା କିମ୍ବା ଚୁକ୍ତି ସେହି ସୀମା ନିର୍ଦ୍ଦିଷ୍ଟ ସର୍ତ୍ତ ପର୍ଯ୍ୟନ୍ତ ବଳବତ୍ତର ରହିବ।

୨୧. ଆଇନର ପ୍ରବଧାନ, ସଂଭାର କାରବାର କେନ୍ଦ୍ର ଓ ମୁକ୍ତ ପରିଷଦ ପ୍ରତି ପ୍ରଯୁଜ୍ୟ ନୁହେଁ ଯାହା ସୁରକ୍ଷା ଚୁକ୍ତି (ନିୟମ) ଆଇନ ଧାରା ୧୯୫୬ ଏବଂ ତନ୍ମଧରେ ହୋଇଥିବା ଦରକାର। — ଆଇନର ପ୍ରାବଧାନ ସଂଭାର କାରବାର କେନ୍ଦ୍ର ଓ ମୁକ୍ତ ପରିଷଦ ନିମିତ୍ତ ପ୍ରଜୁଜ୍ୟ ନୁହେଁ।

୨୨. (୧) କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ରାଜପତ୍ର ବିଜ୍ଞାପନ ମାଧମରେ ଏହି ଆଇନ ପ୍ରାବଧାନର କାର୍ଯ୍ୟ କାରିତା ଉଦ୍ଦେଶ୍ୟରେ ନିୟମ ନିୟମାବଳୀ ପ୍ରଣୟନ କରିବେ । — କେନ୍ଦ୍ର ସରକାରଙ୍କ ନିୟମ ପ୍ରଣୟନ କ୍ଷମତା

(୨) ନିର୍ଦ୍ଦିଷ୍ଟ ଭାବରେ ଏବଂ ସାଧାରଣ ଭାବରେ ଉପରୋକ୍ତ କ୍ଷମତା ପ୍ରତି ଅବିଚାର ନ କରି, ଏପରି ଉପଯୁକ୍ତ କାର୍ଯ୍ୟାନ୍ୱୟନ ନିମିତ୍ତ ନିୟମ ନିମ୍ନ ସମସ୍ତ କିମ୍ବା କୌଣସି ଘଟଣା ମାନ ନିମିତ୍ତ କରାଯାଇପାରିବ ଯଥା-

(a) ଅନ୍ୟ କାରଣରୁ, ଯେଉଁଥି ପାଇଁ ଉପମଣ୍ଡଳ ଅଧିକାରୀ କିମ୍ବା ଅପିଲ ଅଧିକାରୀ ଧାରା ୧୪ ଉପଧାରା ୮ ଅନୁଯାୟୀ ଦେୱାନୀ ଅଦାଲତ ଯୋଗ୍ୟ କ୍ଷମତା ପ୍ରାପ୍ତ ସଂସ୍ଥା

(b) ଧାରା ୧୪ ଉପଧାରା ୯ ଅନୁଯାୟୀ ଅର୍ଜୀ / ଦରଖାସ୍ତ କିମ୍ବା ଅପିଲ ଦରଖାସ୍ତ ଯଥାକ୍ରମେ ଉପମଣ୍ଡଳ ଅଧିକାରୀ କିମ୍ବା ଅପିଲ ଅଧିକାରୀଙ୍କୁ ଉପସ୍ଥାପନ ନିମନ୍ତେ ଏହାର ପ୍ରଣାଳୀ ଏବଂ ମାର୍ଗ।

(c) କେନ୍ଦ୍ର ସରକରଙ୍କ ନିକଟରେ କୌଣସି ଅନ୍ୟ ଘଟଣା ଯାହା ହେବା ଦରକାର କିମ୍ବା କରାଯାଇପାରେ ଏବଂ ନିର୍ଦ୍ଦିଷ୍ଟ ମତେ କିମ୍ବା ଯେଉଁଥିପାଇଁ ଉକ୍ତ ପ୍ରାବଧାନ ନିୟମ ମାଧମରେ କରାଯିବା ନିମିତ୍ତ ଆବଶ୍ୟକ ଅନୁଭୂତ ହୋଇପାରେ।

(୩) ପ୍ରତ୍ୟେକ ନିୟମ ଅଧିନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପରେ ତାହା ବ୍ୟବସ୍ଥାପକ ସଭାରେ ଉପସ୍ଥାପନ କରିବେ, ଯେତେବେଳେ ଅଧିବେଶନ ୩୦ ଦିନ ଚାଲିଥିବ ଓ ଯାହା ଏକ ଅଧିବେଶନ କିମ୍ବା ଦୁଇ ବା ଏକାଧିକ ଅଧିବେଶନ କ୍ରମରେ କାର୍ଯ୍ୟକାଳ ଶେଷ ପୂର୍ବରୁ ଏବଂ ପୁନଃ ପୁନଃ ପରବର୍ତ୍ତୀ ଅଧିବେଶନ ସମୟରେ ଉଭୟ ଗୃହ ସେହି ନିୟମର କୌଣସି ପରିବର୍ତ୍ତନ ସପକ୍ଷରେ ରାଜି ହୁଅନ୍ତି କିମ୍ବା ଉଭୟ ଗୃହ ସହମତି ହୋଇ ନ ଥାନ୍ତି, ତେଣୁ ନିୟମ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ କେବଳ ପରିବର୍ତ୍ତନ ବ୍ୟବସ୍ଥାନୁଯାୟୀ ହୁଏ କିମ୍ବା ଅପ୍ରଭାବୀ ହୋଇଥାଏ । ଯେଉଁ ସ୍ଥିତି ଅନୁଯାୟୀ, ତେଣୁ ଯେପରି କୌଣସି ପ୍ରାବଧାନର ବିକଳ୍ପ କୁ ରଦ୍ଦକରଣ, କୌଣସି ଦ୍ୱନ୍ଦବିନା ପୂର୍ବ କାର୍ଯ୍ୟ କାରୀତା ଅନୁଯାୟୀ କରାଯିବ।

**୨୩.**(୧) ଏହି ଆଇନର ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଗଣ କାର୍ଯ୍ୟାଳୟରାଜପତ୍ର ବିଜ୍ଞାପନ ମାଧମରେ ରାଜ୍ୟ ସରକାର ନିୟମ ପ୍ରଣୟନ କରିବେ । — ରାଜ୍ୟ ସରକାରଙ୍କ ନିୟମ ପ୍ରଣୟନ କ୍ଷମତା

(୨) ନିର୍ଦ୍ଦିଷ୍ଟ ଭାବେ ଏବଂ ବିନା ଦ୍ୱନ୍ଦରେ ଉପରୋକ୍ତ କ୍ଷମତା ପ୍ରୟୋଗ ନିମନ୍ତେ ସେହି ନିୟମ ସମସ୍ତ କିମ୍ବା ନିମ୍ନ ଘଟଣା ମାନଙ୍କରେ ସଂଯୋଜିତ କରିବ, ଯଥା-

(a) କୃଷକଙ୍କୁ କେଉଁ ପ୍ରଣାଳୀ ଓ ପ୍ରକାରରେ ପ୍ରାପ୍ୟ ପ୍ରଦାନ କରାଯିବ ଯାହାକି ଧାରା ୬ ଉପଧାରା ୪ ଦ୍ୱାରା ନିୟନ୍ତ୍ରିତ ।

(b) ନିବନ୍ଧନ ପ୍ରାଧିକୃତ ଅଧିକାରୀଙ୍କ ଗଠନ (ସମ୍ବିଧାନ), କ୍ଷମତା ଏବଂ କାର୍ଯ୍ୟ ପ୍ରଣାଳୀ ପଂଜୀକରଣ ଅଧିକାରୀଙ୍କର ଏବଂ ପଂଜୀକରଣ ବିଧି ଧାରା ୧୨ ଉପଧାରା ୨ ସହ ଅର୍ନ୍ତଭୂକ୍ତ ସମସ୍ତ ବିଷୟ

(c) ଆଇନ ପ୍ରକାରେ ଅନ୍ୟ ଯେଉଁ ଘଟଣା କରାଯିବାକୁ ଅଛି କିମ୍ବା କରାଯାଇପାରେ ନିର୍ଦ୍ଦିଷ୍ଟ ରୂପେ ଯାହା ପାଇଁ ପ୍ରାବଧାନ କରାଯିବ । ଆବଶ୍ୟକ ସଂପୃକ୍ତ ରାଜ୍ୟ ସରକାର ଉକ୍ତ ନିୟମ ବା ଧାରାରେ କରିବେ ।

(୩) ପ୍ରତ୍ୟେକ ଆଇନ୍ ରାଜ୍ୟ ସରକାର ପ୍ରସ୍ତୁତ କରିବା ପରେ ରାଜ୍ୟ ବ୍ୟବସ୍ଥାପକ ସଭାର ଉଭୟ ଗୃହ ଉପସ୍ଥାପନ କରିବେ କିମ୍ବା ଆବଶ୍ୟକ ଅନୁଯାୟୀ ବିଧାନ ସଭାରେ ଉପସ୍ଥାପନ କରବେ ।

**୨୪.**(୧) ଯଦି ଆଇନକାର୍ଯକାରୀତା ସମୟରେ କୌଣସି ଦ୍ୱନ୍ଦ ଉପୁଜେ କେନ୍ଦ୍ର ସରକାର ସରକାରୀ ରାଜପତ୍ର ଦ୍ୱାରା ବିଜ୍ଞାପନ ମାଧମରେ ତାହା ଦୂର କରିବେ ଯେପରି ଉକ୍ତ ବିଜ୍ଞପ୍ତି ଆଇନର ବିରୁଦ୍ଧାଚରଣ ନକରେ — ଦ୍ୱନ୍ଦ ଦୂର କରିବା କ୍ଷମତା

(୨) ପ୍ରତେକ ଆଦେଶ ଯାହାକି ସଫଳ କାର୍ଯ୍ୟକାରୀ ନିମିତ୍ତ ଆବଶ୍ୟକ ତାହାକୁ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯିବ ।

ଆଧାଦେଶ -୧୧- ୨୦୨୦ — **୨୫.**(୧) କୃଷକର (ସଶକ୍ତି କରଣ ଏବଂ ସୁରକ୍ଷା) ଚୁକ୍ତିଭିତ୍ତିକ ମୂଲ୍ୟ ନିର୍ଭରତା ବୀମା ଏବଂ କୃଷିକ୍ଷେତ୍ର ସେବା ଅଧାଦେଶ ୨୦୨୦ ସ୍ଥଗିତ କରଣ ହେଲା — ରହିତ ଏବଂ ସୁରକ୍ଷା

(୨) ରହିତ କରଣ ଯାହା ହେଉ ନା କାହିଁକି କୃଷକର (ସଶକ୍ତି କରଣ ଏବଂ ସୁରକ୍ଷା) ଚୁକ୍ତିଭିତ୍ତିକ ମୂଲ୍ୟ ନିର୍ଭରତା ବୀମା ଏବଂ କୃଷିକ୍ଷେତ୍ର ସେବା ଅଧାଦେଶ ୨୦୨୦ ବଳରେ ଯାହା କରାଯାଇଛି ବା କ୍ରିୟାନ୍ୱିତ ହୋଇଛି ତାହା ଆଇନତଃ ସିଦ୍ଧ ହେବ ।

**ଡଂ ଜି ନାରାୟଣ ରାଜୁ**
**ସଚିବ, ଭାରତ ସରକାର**